# Akashvani, Sambalpur

## SAMBALPURI NEWS MORNING BULLETIN

## 16 May 2026 - 6.47- 6.52 am.

---

ଚଳଚ୍ଚିତ୍ର ନୀତି -ମୁଖ୍ୟମନ୍ତ୍ରୀ ଆଇ ଆଣ୍ଡ୍ ପି.ଆର୍

ରାଏଜେ ଖୋବ୍ ଜଲ୍‌ଦି ନୂଆଁ ଚଳଚ୍ଚିତ୍ର ନୀତି ପ୍ରଣୟନ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଘୋଷ୍‌ନା କରିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ସଂସ୍କୃତି ଭବନ୍ ନ ହେଇଥିବା ଗୁଟେ ସ୍ୱତନ୍ତ୍ର ଆଲୋଚନାଚକ୍ରଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍, ଓଡ଼ିଆ ସିନ୍‌ମାର୍ ଉନ୍ନତି ଲାଗି ବର୍‌କସ୍ ଚଳଚ୍ଚିତ୍ର ଭିତିଭୂମି ପ୍ରସ୍ତୁତ୍ କରାଯିବା । ସେ କହିଛନ୍, ମହାପ୍ରଭୁ ଶ୍ରୀ ଜଗନ୍ନାଥ୍, ଓଡ଼ିଆ ସଂସ୍କୃତି, କଳିଙ୍ଗର ସାମୁଦ୍ରିକ ଇତିହାସ୍, ଆଦିବାସୀ ସଂସ୍କୃତି, ବନ୍ୟା ବାତ୍ୟା ସମିଆଥି ଘଟିଥିବାର୍ ଲୁକଙ୍କର୍ କାହାଣୀ ବାଗିର୍ ବହୁତ୍‌ଟେ ମୌଳିକ୍ ବିଷେ ରହିଛେ । ସେମାନ୍‌କର୍ ଉପ୍‌ରେ ସିନ୍‌ମା ତିଆରି ଲାଗି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ । ସେସବୁକେ ନେଇକରି ସିନ୍‌ମା ତିଆର୍ କଲେ ଲୁକ୍‌କୁ ଆକୃଷ୍ଟ

କରିପାର୍‌ବା । ସିନ୍‌ମା ତିଆରି ଲାଗି ରାଏଜେ ଫିଲ୍ମ ଟ୍ରେନିଂ ଇନ୍‌ଷ୍ଟଚ୍ୟୁଟ୍‌ର ଦର୍‌କାର୍ ଅଛେ ଆଉ ଏନ୍ତା ପ୍ରତିଷ୍ଠାନ୍ ରାଏଜେ ଥାପ୍‌ନା କରାଯିବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।
ଆଲୋଚନାଚକ୍ରଥି ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍‌ଙ୍କର୍ ସହେତେ ବହୁତ୍‌ଟେ କଲାକାର୍ ଆଉ ସିନେ ଟେକ୍ନିସିଆନ୍ ମାନେ ଯୋଗ୍ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ-ଜନ ଅଭିଯୋଗ୍ ଶୁଣାଣି ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ୟୁନିଟ୍ ୨ ଅଶୋକ୍ ନଗର୍ ନ ଥିବା ଆଘର୍ ସର୍‌କାରୀ ପ୍ରାଥମିକ ବିଦ୍ୟାଲୟ ନ ଆଏବା ସୋମ୍‌ବାର୍ ଆଉ ଆଏବା ୨୫ ତାରିଖ୍ ଦିନ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍ ବନ୍ଦ୍ ରହେବା । ରାଏଜେ ହେଉଥିବା ଜବର୍ ଖରାକେ ନଜର୍‌ଥି ରଖିକରି ଇ ନିଷ୍ପତି ନିଆଯାଇଥିବାର୍ ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ନୀଳ ଅର୍ଥନୀତି ଆଇ ଆଣ୍ଡ ପି.ଆର୍

ଓଡ଼ିଶା ନ ସମୁଦ୍ର ସମ୍ପଦ୍‌କେ ନେଇକରି ନିରନ୍ତର୍ ଅଭିବୃଦ୍ଧି ଲାଗି ନୀଳ ଅର୍ଥନୀତି କ୍ଷେତ୍ରର୍ ବିକାଶ୍ ବାବ୍‌ଦେ ଗୁଟେ ଉଚ୍ଚାଦର୍‌ଜାର୍ ବୈଠକ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେଇଯାଇଛେ । ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକଥି ନୀଳ ଅର୍ଥନୀତି କ୍ଷେତ୍ର ଲାଗି ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିକାଶ୍ ବିଭାଗ୍‌କେ ନୋଡ଼ାଲ୍ ବିଭାଗ୍ ଭାବେ ମନୋନୀତ୍ କରାଯାଇଛେ । ନୀଳ ଅର୍ଥନୀତି ପ୍ରୟାସ୍‌ର ନିରୀକ୍ଷଣ୍ ଆଉ ସମନ୍ୱୟ ଲାଗି ମୁଖ୍ୟ ଶାସନ୍ ସଚିବଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଟାସ୍କଫୋର୍ସ ଗଠନ୍ କରାଯିବା । ଗଲା ମାର୍ଚ୍ଚ ମାସେ ହେଇଥିବା ନୀଳ ଅର୍ଥନୀତି ବାବଦ୍ ବୈଶ୍ୱିକ୍ ସୁପାରିଶ୍ ଆଧାର୍‌ଥି ନୀଳ ଅର୍ଥନୀତି ରୋଡ୍‌ମେପ୍ ଉପ୍‌ରେ ଆଲୋଚନା କରାଯାଇଥିଲା । ରୋଡ୍‌ମେପ୍ ତିଆରି ଲାଗି ସାମିଲ୍ ଥିବା ଫି' ବିଭାଗ୍‌ନୁ ଝନେ ଲେଖା ନୋଡ଼ାଲ୍ ଅଧିକାରୀଙ୍କୁ ମନୋନୀତ୍ କର୍‌ବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ ।

ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ କମିଟିର୍ ଗୁଟେ ପ୍ରସ୍ତୁତି ବୈଠକ୍ ଅତିରିକ୍ତ ଜିଲ୍ଲାପାଲ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ଆଏବା ବର୍ଷା ସମିଆଥି ବନ୍ୟା ପରିସ୍ଥିତିର୍ ମୁକାବିଲା ଲାଗି ସବୁ ବ୍ଲକ୍‌ର ବଏଢ୍ ହଉଥିବା ଇଲାକାମାନ୍‌କେ କାଣାସବୁ ପଦକ୍ଷେପ୍ ନିଆଯିବା ସେ ବାବ୍‌ଦେ ଆଲୋଚନା କରାଯାଇଥିଲା । ଇ ସମିଆଥି ସଫା ପିଇବାର୍ ପାଏନ୍ ଯୁଗାବାର୍ ଲାଗି ପିଏଚ୍‌ଡି ଆଉ ଗ୍ରାମ୍ୟ ଜଳଯୋଗାଣ୍ ବିଭାଗ୍‌କେ ନିର୍ଦ୍ଦେଶ୍ ଦିଆଯାଇଥିଲା । ବର୍ଷା ସମିଆଥି ସାଁପ୍ ଚବା ଆଉ ପାନି ବୁଡ଼ିକରି ମୃତ୍ୟୁ ଆଉ ଚଡ଼କ୍ ମରାଥି ଜୀବନ୍ ଗଲେ ମୃତକ୍‌ଙ୍କର୍ ପରିବାର୍‌କେ କେନ୍ତା ସାହାଜ୍ ଟଙ୍କା ଦିଆଯିବା ତାର୍ ଜୋର୍ ଦିଆଯାଇଥିଲା ।

ଟ୍ରେନ୍‌ର ଚଲାଚଲ୍ ବାତିଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍-ବଲାଙ୍ଗିର୍ ରୁଟ୍‌ର ହୀରାକୁଦ୍- ଗୋଡ଼ଭଗା ସେକ୍ସନ୍ ନ ବ୍ରିଜ୍ ଫେର୍‌ଘାଏ ତିଆରି କାମ୍ ଲାଗି ଆଏଜ୍ ୩ ଟା ଟ୍ରେନ୍‌ର ଚଲାଚଲ୍ ବାତିଲ୍ କରାଯାଇଛେ । ବାତିଲ୍ ହେଇଥିବା

ଟ୍ରେନ୍‌ମାନ୍‌କର୍ ଭିତ୍‌ରେ ସମ୍ବଲ୍‌ପୁର୍-ଜୁନାଗଡ୍ ରୋଡ୍ ପାସେଞ୍ଜର୍, ବିଲାସ୍‌ପୁର୍- ଟିଟିଲାଗଡ୍ ପାସେଞ୍ଜର୍ ଆଉ ଟିଟିଲାଗଡ୍-ରାୟପୁର୍ ପେସେଞ୍ଜର୍ ଟ୍ରେନ୍ ଅଛେ । ଟ୍ରେନ୍ ସେବାଥି ହେଇଥିବା ଇ ପରିବର୍ତନ୍‌କେ ନଜର୍‌ଥି ରଖିକରି ଯାତ୍ରୀମାନ୍‌କୁ ସେମାନ୍‌କର୍ ଯାତ୍ରା ଯୋଜ୍‌ନା କର୍‌ବାର୍‌କେ ପୂର୍ବତଟ ରେଲ୍‌ବାଇ ତର୍‌ଫୁ ପରାମର୍ଶ ଦିଆଯାଇଛେ ।

ଏସ୍‌ଆଇଆର୍        କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ନ ଆଏବା ସ୍ୱତନ୍ତ୍ର ସଘନ ସଂଶୋଧନ୍ - ଏସ୍‌ଆଇଆର୍ ୨୦୨୬ କାର୍ଯ୍ୟକ୍ରମ୍‌କେ ସୁରୁଖୁରୁଥି ପରିଚାଲନା କର୍‌ବାର୍ ଲାଗି ଭବାନୀପାଟ୍‌ନା ଠାନେ ଗୁଟେ ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ପାୱାର୍ ସଚିନ୍ ପ୍ରକାଶ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ମତଦାତା ତାଲିକାର୍ ସଠିକତା, ଘରେ ଘରେ ସର୍ବେକ୍ଷଣ୍, ଯୋଗ୍ୟ ଆଉ ଅଯୋଗ୍ୟ ମତଦାତା ଚିହ୍ନଟ୍ ପ୍ରକ୍ରିୟାକେ ଠିକ୍ ସମିଆଥି ସାର୍‌ବାର୍ ଲାଗି ଆଲୋଚନା ହେଇଥିଲା ।

ଇନ୍ଧନ୍- ବୈଠକ୍          କଲାହାଣ୍ଡି ସମ୍ବାଦଦାତା

ତେଲ୍ ଆଉ ରନ୍ଧା ଗେସ୍ ବାବ୍ଦେ ହେଉଥିବାର୍ ଅସୁବିଧାକେ ନଜର୍ଥି ରଖିକରି କଲାହାଣ୍ଡି ଜିଲ୍ଲପାଲ୍ଙ୍କର୍ ଅଧ୍ୟକ୍ଷତାଥି ଭବାନୀପାଟ୍ନାଠାନେ ଗୁଟେ ଜରୁରୀ ବୈଠକ୍ ହେଇଯାଇଛେ । ବୈଠକ୍ଥି ଯୋଗାଣ୍ ବିଭାଗ୍ ଅଧିକାରୀ ଆଉ ତେଲ୍ ଯୋଗାଣକାରୀ ସଂସ୍ଥା ମାନ୍କର୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ପେଟ୍ରୋଲ୍, ଡିଜେଲ୍ ଆଉ ରନ୍ଧା ଗେସ୍ ଯୋଗାଣ ଆଉ ସର୍କାର୍ଙ୍କର୍ ତର୍ଫୁ ଥିର୍ କରାଯାଇଥିବା ଦାମ୍ଥି ବିକ୍ବାର୍ଟା ସୁନିଶ୍ଚିତ୍ କର୍ବାର୍ ଉପ୍ରେ ଜୋର୍ ଦିଆଯାଇଥିଲା ।

ଏନ୍ଏସି ବୈଠକ୍          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଖଡ଼ିଆଲ୍ ବିଜ୍ଞପିତ୍ ଅଂଚଲ୍ ପରିଷଦ୍ ବୈଠକ୍ ହେଇଯାଇଛେ । ଖଡ଼ିଆଲ୍ ଏନ୍ଏସି ଅଧ୍ୟକ୍ଷ ଉଜ୍ଜ୍ୱଲ୍ ଗୁପ୍ତାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବିଠକ୍ଥି ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀ

ଯୋଗ୍ ଦେଇକରି ଅଂଚଲ୍ ନ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପମାନ୍‌କର୍ ଥିତି ବାବ୍‌ଦେ ସମୀକ୍ଷା କରିଛନ୍ ।

ବହୁଭାଷୀ କ୍ଷୁଦ୍ର ନାଟକ୍ ପ୍ରତିଯୋଗିତା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ସାଂସ୍କୃତିକ୍ ଅନୁଷ୍ଠାନ୍ ତର୍‌ଫୁ ୮ ନମ୍ବର୍ ବୀର ବିକ୍ରମ୍ ବହୁଭାଷୀ କ୍ଷୁଦ୍ର ନାଟକ୍ ପ୍ରତିଯୋଗିତା ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ ସମାରୋହଥି ଖଡ଼ିଆଲ୍ ବିଧାୟକ୍ ଅଧିରାଜ୍ ମୋହନ୍ ପାଣିଗ୍ରାହୀ ଯୋଗ୍ ଦେଇକରି ଖଡ଼ିଆଲ୍ ଇଲାକାର୍ ନାଟ୍ୟ ପରମ୍ପରା ବିଷେ ସୂଚ୍‌ନା ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଭାରତ୍‌କେ ଆଏବାର୍ ଲାଗି ପାଗ୍ ଅନୁକୂଳ ହେଉଛେ । ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଆଏଜ୍ ଦକ୍ଷିଣ୍ ବଙ୍ଗୋପ୍‌ସାଗର୍ ଆଉ ଆଣ୍ଡାମାନ୍ ନିକୋବର୍ ଦ୍ୱୀପପୁଞ୍ଜର୍ କିଛି ଇଲାକାକେ ମୌସୁମୀ ପୁହୁଁଚିବାର୍ ସମ୍ଭାବନା

ଅଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲା ନ ଚଢ଼କ୍ ମାରିକରି ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।